# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

******

ସଂଖ୍ୟା. RDM-LAC-SUN-0004-2024- 34503 /R&DM ତାରିଖ 06 NOV 2024

**ଅଧିସୂଚନା**

ଯେହେତୁ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ଧାରା ୧୧(୧ ) ଅନୁଯାୟୀ ଉପଯୁକ୍ତ ସରକାର ବ୍ୟାଙ୍କିବାହାଲରୁ ବେଦବାହାଲ ପର୍ଯ୍ୟନ୍ତ ଏକ ଉତ୍ସର୍ଗୀକୃତ କୋଇଲା କରିଡର ନିର୍ମାଣ ପ୍ରକଳ୍ପ ପାଇଁ ଗ୍ରାମ **-ଜପଙ୍ଗା,** ତହସିଲ-ସୁନ୍ଦରଗଡ, ଜିଲ୍ଲା- ସୁନ୍ଦରଗଡ ରେ ୦.୦୫ ଏକର ବେସରକାରୀ ଭୂମି ଅଧିଗ୍ରହଣ ନିମନ୍ତେ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରାଥମିକ ଅଧିସୂଚନା ବିଜ୍ଞପ୍ତି ସଂଖ୍ୟା. ୧୦୯୯ ତା. ୦୯.୦୮.୨୦୨୩ ରିଖ ଜାରି କରାଇଛନ୍ତି ଓ ଏହାକୁ ଓଡିଶା ଗେଜେଟ୍ ର ଅସାଧାରଣୀୟ ବିଷୟଭିତ୍ତିକ ସଂଖ୍ୟା. ୨୮୩ ତା. ୦୮.୦୨.୨୦୨୪ ରେ ପ୍ରକାଶ କରାଯାଇଛି ଏବଂ ଉକ୍ତ ଆଇନର ଧାରା ୧୯(୧) ଅନୁଯାୟୀ ଘୋଷଣା ଉପର ଉଲ୍ଲେଖିତ ଭୂମି ଅନୁସୂଚି ପାଇଁ ଏଯାବତ ଜାରି କରାଯାଇ ନାହିଁ ;

ଏବଂ ଯେହେତୁ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଉପ-ଧାରା ୭ ଅନୁଯାୟୀ ଯେଉଁଠାରେ ପ୍ରାଥମିକ ଅଧିସୂଚନା ତାରିଖ ଠାରୁ ବାର ମାସ ମଧ୍ୟରେ ଧାରା ୧୯ ର ଉପ ଧାରା ୧ ଅନୁଯାୟୀ ଘୋଷଣା ଜାରି କରାଯାଇ ନାହିଁ, ତେବେ ସେହି ଅଧିସୂଚନା କୁ ରଦ୍ଦ କରାଯାଇଛି ବୋଲି ଧରାଯିବ ଏବଂ ଧାରା ୧୯ ର ଉପ-ଧାରା ୭ ର ଦ୍ୱିତୀୟ ପ୍ରବଧାନ ପ୍ରଦାନ କରେ ଯେ ବାର ମାସର ବୈଧତା ଅବଧି ବୃଦ୍ଧି ନିମନ୍ତେ ଉପଯୁକ୍ତ ସରକାରଙ୍କର କ୍ଷମତା ରହିବ, ଯଦି ଏହାର ମତରେ ବିଦ୍ୟମାନ ପରିସ୍ଥିତି ତାହାକୁ ସେଥିପାଇଁ ଯଥାର୍ଥତା ପ୍ରଦାନ କରୁଥିବ ;

ପୁନଶ୍ଚ ଯେହେତୁ ପୂର୍ତ୍ତ ବିଭାଗ ବାର ମାସର ଅବଧି ବୃଦ୍ଧି କରିବାପାଇଁ କାରଣ ସହିତ ଅନୁରୋଧ କରିଛନ୍ତି ଏବଂ ଉପଯୁକ୍ତ ସରକାର ମତ ଦେଇଛନ୍ତି ଯେ ଅଜ୍ଞାତ ବିଳମ୍ବ ପାଇଁ ପରିସ୍ଥିତି ବିଦ୍ୟମାନ ଥିଲା;

ତେଣୁ, ବର୍ତ୍ତମାନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଉପ-ଧାରା ୭ ର ଦ୍ୱିତୀୟ ପ୍ରବଧାନରେ ପ୍ରଦାନ କରାଯାଇଥିବା କ୍ଷମତାକୁ ବ୍ୟବହାର କରି, ଏହିପରି ଏତଦ୍ୱାରା ରାଜ୍ୟ ସରକାର ଉପରୋକ୍ତ ଆଇନର ଧାରା ୧୯(୧) ଅନୁଯାୟୀ ଅଧିସୂଚନା ଜାରି ନିମନ୍ତେ ବୈଧ ଅବଧିକୁ **ତା ୩୧.୦୧.୨୦୨୫ ରିଖ** ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଦିଗନ୍ତ ରାଉତରାୟ
(ଦିଗନ୍ତ ରାଉତରାୟ)
ଅତିରିକ୍ତ ଶାସନସଚିବ

P.T.O

**Memo No. / 38404** **R&DM, Dated 06 NOV 2024**

Copy forwarded to the Director, Printing Stationery and Publication, Odisha, Cuttack for information with a request to publish the same in the extraordinary issue of the Odisha Gazette and supply 5 spare copies to Revenue & DM Department/ Works Department/ Collector, Sundargarh/ Secretary to R.D.C (N.D), Sambalpur/ LAO, Sundargarh.

6.11.24
Deputy Secretary to Government

**Memo No. / 38405** **R&DM, Dated 06 NOV 2024**

Copy forwarded to Works Department/ RDC (ND), Sambalpur for information and necessary action.

6.11.24
Deputy Secretary to Government

**Memo No. / 38406** **R&DM, Dated 06 NOV 2024**

Copy forwarded to Collector, Sundargarh/ LAO, Sundargarh for information and necessary action.

6.11.24
Deputy Secretary to Government

**Memo No. / 38407** **R&DM, Dated 06 NOV 2024**

Copy forwarded to e-Governance Cell, R&DM Department with a request to upload the same to the Department website.

6.11.24
Deputy Secretary to Government